# Akashvani, Sambalpur

## SAMBALPURI NEWS BULLETIN

### 22 August 2024- 6.47- 6.52 am.

*****************************************************

ଶିକ୍ଷକ ନିଯୁକ୍ତି- ଗଣଶିକ୍ଷା ମନ୍ତ୍ରୀ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଖୋବ୍ ଜଲ୍‌ଦି ୧୬ ହଜାର୍ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବା ବଲି ବିଦ୍ୟାଲୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ଇଟା ହେଲେ ଶିକ୍ଷକ୍ ପଦ୍‌ବୀ ଲାଗି ରହିଥିବାର୍ ଅସନ୍ତୋଷ୍ ଦୂର୍ ହେବା । ସେନ୍ତା ଅନୁସୂଚିତ ଜାତି ଆଉ ଜନଜାତି ଉନ୍ନୟନ୍ ବିଭାଗ୍‌ର ଭିନ୍ ଭିନ୍ ବିଦ୍ୟାଲୟ ନ ଖାଲିଥିବାର୍ ୨୪ ଶହ ଶିକ୍ଷକ୍ ପଦ୍ ଭିଲ୍ ପୂରଣ୍ ହେବା । ଇଥିର୍‌ଲାଗି ନିଯୁକ୍ତି ପ୍ରକ୍ରିୟା ମୁଲ୍ ହେଇଛେ ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ ।

ଛାତ୍ରାବାସ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଅନୁସୂଚିତ ଜାତି ଆଉ ଅନୁସୂଚିତ ଜନଜାତି ଉନ୍ନୟନ୍ ବିଭାଗ୍ ତର୍‌ଫୁ ପରିଚାଳିତ୍ ୧୬ ଶହ ଟା ପ୍ରାଥମିକ

ସ୍କୁଲ୍ ନ ନୂଆଁ ହଷ୍ଟେଲ୍ ତିଆର୍ କରାଯିବା । ଫି ହଷ୍ଟେଲ୍ ବନାବାର୍‌ଥି ୨ କୋଟି ଟଙ୍କା ଖର୍ଚ୍ଚା ହେବା । ପହେଲା ଖେପେ ୩ ଶହ ୧ ଟା ହଷ୍ଟେଲ୍‌କେ ଉନ୍ନତ୍ କର୍‌ବାର୍ ଲାଗି କାର୍ଯ୍ୟାଦେଶ୍ ଦିଆଯାଇଛେ । ଚଲ୍‌ତି ଆର୍ଥିକ୍ ବଛ୍‌ରେ ନୂଆଁ ୫ ଶହ ଟା ପ୍ରାଥମିକ ସ୍କୁଲ୍ ନ ହଷ୍ଟେଲ୍ ତିଆର୍ କରାଯିବା ବଲି ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ରାଏଜେ ୧୩ ପ୍ରକାର୍‌ର - ବିଶେଷ୍ କରି ଅନୁସୂଚିତ ଜନଜାତି ସମୁଦାୟର୍ ଲୋକ୍‌ମାନେ ରାଜ୍ୟର୍ ୧୬ ଶହ ୭୯ ଟା ଗାଁ ନ ରହୁଛନ୍ । ଇ ଗାଁମାନ୍‌କୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍ ଆଉ ପ୍ରଧାନ୍‌ମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ୍‌ଥି ସାମିଲ୍ କରାଯିବା ବଲି ସେ କହିଛନ୍ ।

ଆଇଏଏସ୍ ବଦ୍‌ଲି ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ସର୍‌କାର୍ ୧୮ ଝନ୍ ଭାରତୀୟ ପ୍ରଶାସନିକ ସେବା- ଆଇଏଏସ୍ ଅଧିକାରୀଙ୍କ ଅଦଲ୍‌ବଦଲ୍ କରିଛନ୍ । ସାଧାରଣ ପ୍ରଶାସନ୍ ବିଭାଗ୍‌ର ବିଜ୍ଞପ୍ତି ଅନ୍‌ସାରେ ବରିଷ୍ଠ ଆଇଏଏସ୍ ଅଧିକାରୀ ସତ୍ୟବ୍ରତ ସାହୁଙ୍କୁ ଗୃହ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ - ଏ.ସି.ଏସ୍ ଦାୟିତ୍ୱ ଦିଆଯାଇଛେ ।

ଇତାର୍‌ସହେତେ ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତ୍ତନ୍ ବିଭାଗ୍‌ର ଅତିରିକ୍ତ ଦାୟିତ୍ୱଥି ସେ ରହେବେ । ଇସ୍ପାତ୍ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଦେଓରଞ୍ଜନ୍ କୁମାର୍ ସିଂଙ୍କୁ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ବିଭାଗ୍‌ର ଏ.ସି.ଏସ୍. ପଦଥି ଅବସ୍ଥାପିତ୍ କରାଯାଇଛେ । ସେ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ଆର୍ ଓସ୍‌ଡମା ଏମ୍.ଡ଼ି. ଦାୟିତ୍ୱଥି ଭିଲ୍ ରହେବେ । ସଚିନ୍ ରାମଚନ୍ଦ୍ର ଯାଧଭଙ୍କୁ ଉତରାଂଚଲ୍, ରୂପାରୋସନ୍ ସାହୁଙ୍କୁ ଦକ୍ଷିଣାଂଚଲ୍ ଆର୍ ପରମେଶ୍ୱରନ୍‌ଙ୍କୁ କେନ୍ଦ୍ରାଂଚଲ୍ ଡିଭିଜନ୍‌ର ରାଜସ୍ୱ କମିଶନର୍ ଭାବେ ନିଯୁକ୍ତି ଦିଆଯାଇଛେ ।

ଆବାସ ସର୍ଭେ ଆର୍‌ଏନ୍‌ୟୁ /ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନା- ଗ୍ରାମୀଣ ହିତାଧିକାରୀମାନ୍‌କୁ ଚିହ୍ନଟ୍ କର୍‌ବାର୍ ଲାଗି ଫେର୍‌ଘାଏ ନୂଆଁକରି ସର୍ଭେ କର୍‌ବାର୍‌କେ ବିଧାନ୍‌ସଭା ଷ୍ଟାଣ୍ଡିଂ କମିଟି ସୁପାରିଶ୍ କରିଛେ । ପଂଚାୟତ୍‌ରାଜ୍ ଆଉ ପାନୀୟ ଜଲ ବିଭାଗ୍‌ର ଷ୍ଟାଣ୍ଡିଂ କମିଟି କହିଛେ ଯେ, ବିଜୁ ପକ୍କା ଘର୍ ଯୋଜ୍‌ନା, ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନା- ଗ୍ରାମୀଣ, ପି.ଏମ୍. ଜନମନ ବାଗିର୍ ଯୋଜ୍‌ନା ଥିଲେ ଭିଲ୍ ପକ୍କା ଘର୍ ପାଏବାର୍‌ନୁ ବଂଚିତ୍ ହିତାଧିକାରୀମାନ୍‌କର୍ ଲାଗି ନୂଆଁ

ସର୍ଭେ କରାଯାଉ । ସେନ୍ତା ଅସମ୍ପୂର୍ଣ୍ଣ ଆବାସ କାର୍ଯ୍ୟକେ ଧାରିଜ୍ ସମିଆ ଭିତ୍ରେ ଶେଷ୍ କର୍ବାର୍ ଲାଗି ଆଉ ନିଆଁ, ହାତୀ ଆକ୍ରମଣ୍ ଆଉ ବଢ଼ିଥି ଘର୍ ହରେଇଥିବା କ୍ଷତିଗ୍ରସ୍ତଙ୍କୁ ଅନ୍ତୋଦୟ ଗୃହ ଯୋଜ୍ନାଥି ଜଲ୍ଦି ଘର୍ ଦେବାର୍କେ ଷ୍ଟାଣ୍ଡିଂ କମିଟି ସୁପାରିଶ୍ କରିଛନ୍ ।

ବିଜ୍ଲି ଆର୍ଏନ୍ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ -ଚଡ଼କ୍ ମାର୍ବାର୍ନୁ ଲୁକ୍କର୍ ମୃତ୍ୟୁ ଘଟ୍ନାଥି ଗହୀର୍ ଦୁଃଖ ପ୍ରକାଶ୍ କର୍ବାର୍ ସହେତେ ଫି ମୃତକଙ୍କର୍ ପରିବାର୍ ପିଛା ୪ ଲାଖ୍ ଟଙ୍କା ଲେଖା ସହାୟତା ଘୋଷ୍ନା କରିଛନ୍ । ଇତାର୍ସହେତେ ଆହତ୍ମାନ୍କର୍ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସର୍କାର୍ ବହନ୍ କର୍ବେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଚଡ଼କ୍ ମାର୍ବାର୍ନୁ ଗଲାକାଏଲ୍ ୬ ଟା ଜିଲ୍ଲାର୍ ୮ ଝନ୍କର୍ ମୃତ୍ୟୁ ହେଇଥିବାର୍ ବେଲେ ୮ ଝନ୍ ଗୁରୁତର୍ ଆହତ୍ ହେଇଛନ୍ । ସବୁ ମୃତକ୍ ଚାଷୀ ଆନ୍ ବଲି ଜନାପଡ଼ିଛେ । ଚଡ଼କ୍ ମାରିକରି ଗଲା ରଏବାର୍ ଦିନ ୭ ଝନ୍ ଆଉ ଶନିବାର୍ ଦିନ ୧୨ ଝନ୍କର୍ ମୃତ୍ୟୁ ହେଇଥିଲା ।

ଇବ୍ ନଦୀ ପୋଲ୍- ରାଜସ୍ୱ ମନ୍ତ୍ରୀ    ଆର୍ଏନ୍ୟୁ /ସମ୍ବଲପୁର

ଝାର୍ସୁଗୁଡ଼ା ଜିଲ୍ଲାର୍ ଇବ୍ ନଦୀ ଉପ୍ରେ ନୂଆଁ ପୋଲ୍ ବନାବାର୍ ପ୍ରସ୍ତାବ୍‌କେ କେନ୍ଦ୍ର ସଡ଼କ ପରିବହନ୍ ଆଉ ରାଜପଥ ମନ୍ତ୍ରଣାଳୟ ଅନୁମୋଦନ୍ କର୍‌ବାର୍ ସହେତେ ଇଥିର୍‌ଲାଗି ୫୫ କୋଟି ୪୩ ଲାଖ୍ ଟଙ୍କା ମଞ୍ଜୁର୍ କରିଛନ୍ । ଇ ପ୍ରକଳ୍ପ ଲାଗି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଆଗ୍ରୁ ଚିଠି ଲେଖିଥିଲେ । ପୋଲ୍ ବନାବାର୍ କାମ୍ ଯେତେଜଲ୍‌ଦି ହେବା ମୁଲ୍ କର୍‌ବାର୍‌କେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ରାଜପଥ ଅଧିକାରୀମାନ୍‌କୁ କହିଛନ୍ ।

ଓଏଏସ୍- ଶିକ୍ଷା ନବୀସ ତାଲିମ୍    ଆର୍ଏନ୍ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍ ଗୋପବନ୍ଧୁ ପ୍ରଶାସନିକ୍ ଏକାଡେମୀ ଠାନେ ଓଡ଼ିଶା ପ୍ରଶାସନିକ୍ ସେବା- ଓଏଏସ୍ ଅଧିକାରୀ ଶିକ୍ଷାନିବୀସଙ୍କର୍ ନିଯୁକ୍ତି ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍‌କେ ଗଲାକାଏଲ୍ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ଉଦ୍‌ଘାଟନ୍ କରିଛନ୍ । ଇ ଯୁଆନ୍ ଅଧିକାରୀମାନ୍‌କର୍‌ଠାନୁ ରାଜ୍ୟ କରୁଥିବାର୍ ଆଶା ଆଉ ନିଜର୍ ଚିନ୍ତାଧାରା ବାବ୍‌ଦେ କହେବାର୍ ସହେତେ ମୁଖ୍ୟ ଶାସନ୍ ସଚିବ

ସମ୍ବଲର ବିକାଶ୍ ଆଉ ଅଭିବୃଦ୍ଧି ସୂଚକାଙ୍କଥି ଉନ୍ନତି ଜରିଏ ପରିବର୍ତ୍ତନ୍ ଉପ୍ରେ ଜୋର୍ ଦେଇଥିଲେ ।

ପଶ୍ଚିମବଙ୍ଗ୍‌ନୁ ଆଲୁ ଆସ୍‌ଲା          ଆର୍‌ଏନ୍‌ୟୁ /ସମ୍ବଲପୁର

ପଶ୍ଚିମବଙ୍ଗ୍‌ନୁ ବାଲେଶ୍ୱର୍ ଆର୍ ମୟୁର୍‌ଭଞ୍ଜ୍ ଜିଲ୍ଲା ନ ଥିବା ଆନ୍ତଃରାଜ୍ୟ ଗେଟ୍ ଦେଇକରି ଓଡ଼ିଶାକେ ଦିନ୍‌କେ ପାଖାପାଖି ୪୦ ଗାଡ଼ି ଆଲୁ ଆସିଥିବାର୍ ଜନାପଡ଼ିଛେ । ଗଲା ପର୍‌ଦିନ ପଶ୍ଚିମବଙ୍ଗ୍ ସର୍‌କାର୍ ଅଲ୍‌ଗା ରାଜ୍ୟକେ ଆଲୁ ପଠାବାର୍ ଲାଗି ଅନୁମତି ଦେଇଥିଲେ । ଆଲୁ ଆସ୍‌ବାର୍ ଉତ୍‌ରୁ ହୋଲ୍‌ସେଲ୍ ଗୁଦାମ୍ ନ ଆଲୁ କେଜିକ ୨୧ ନୁ ୨୫ ଟଙ୍କା ରହିଛେ । ଆଏଜ୍‌ଠାନୁ ଆଲୁର୍ ଦାମ୍ କମ୍‌ବା ବଲି କୁହାଯାଉଛେ ।

ବନକଲାଗି          ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁଦୋ ମାସର୍ ଉଜଲ୍ ପଖର୍ ତୃତୀୟା ତିଥି ଅବ୍‌ସରେ ଗଲାକାଏଲ୍ ପୁରୀ ଶ୍ରୀମନ୍ଦିର୍ ନ ଶ୍ରୀବିଗ୍ରହମାନ୍‌କର୍ ବନକଲାଗି ନୀତି ହେଇଯାଇଛେ । ଗଲାକାଏଲ୍ ଭୋର୍ ସମିଆଥି ଶ୍ରୀମନ୍ଦିର୍ ଦୁଆରଫିଟା ନୀତି ଉତ୍‌ରୁ ମଙ୍ଗଲ୍‌ଆଲ୍‌ତୀ ହେଇଥିଲା । ଅଲ୍‌ଗା ନୀତି ମାନ୍‌କର୍ ଉତ୍‌ରୁ ସଞ୍ଜ୍‌ବେଲର୍ ୬ ବଜେ ଉତ୍‌ରୁ ହେଙ୍ଗୁଳ,

ହରିତାଳ, କର୍ପୁର, କସ୍ତୁରୀ ଆଉ ପ୍ରକୃତିକ ରଙ୍ଗ୍ ବେଭାର୍ କରିକରି ରତ୍ନସିଂହାସନ୍ ନ ବିରାଜ୍‌ମାନ୍ ଶ୍ରୀଜୀଉମାନ୍‌କର୍ ବନକଲାଗି- ଶ୍ରୀମୁଖ ଶ୍ରୀଙ୍ଗାର କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ମେଘୁଆ ପାଗ୍ ସହେତେ କେତେଟା ଜାଗା ନ ବିଜ୍‌ଲି, ଘଡ଼୍‌ଘଡ଼ି ସହେତେ ବର୍ଷା ଲାଗି ରହିଛେ । ପଶ୍ଚିମ ଓଡ଼ିଶାର୍ ସମ୍ବଲ୍‌ପୁର୍, ବର୍‌ଗଡ଼୍, ଦେବ୍‌ଗଡ଼୍, ଝାର୍‌ସୁଗୁଡ଼ା ଆର୍ ସୁନ୍ଦର୍‌ଗଡ଼୍ ସହେତେ ରାଜ୍ୟର୍ ୧୪ ଟା ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଆଏଜ୍ ଘଡ଼୍‌ଘଡ଼ି ସାଙ୍ଗେ ସାମାଏନ୍ ନୁ ମଧମ୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।